ଉତ୍ତର-ପଶ୍ଚିମ କର୍ଣ୍ଣାଟକ ସଡ଼କ ପରିବହନ ନିଗମ

ବନାମ

ଗୌରବାଇ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 3171/2009)

ମେ 1,2009

**[ଡକ୍ଟର. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିବୃନ୍ଦ]**

*ମୋଟର ଯାନ ଅଧିନିୟମ, 1988-ଧାରା 166-ମୃତକଙ୍କୁ ହୋଇଥିବା ଆଘାତ କୌଣସି ଯାନବାହନ ଦୁର୍ଘଟଣା ଯୋଗୁଁ ହୋଇନଥିଲା- ତେଣୁ, MACT ଦ୍ୱାରା ହୋଇଥିବା ଅଧିନିର୍ଣ୍ଣୟ ବଜାୟ ରଖାଯାଇପାରିବ ନାହିଁ- MACT ଦ୍ୱାରା ପାରିତ ଅଧିନିର୍ଣ୍ଣୟକୁ ବଜାୟ ରଖିବାରେ ଉଚ୍ଚ ନ୍ୟାୟାଳୟ ଭୁଲ କରିଥିଲେ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3171/2009 ।

M.F.A. ସଂଖ୍ୟା 2098/2005(MV)ରେ ବାଙ୍ଗାଲୋରସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 27.2.2007 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଆର୍. ଏସ୍. ହେଜ୍ ଏବଂ ପି. ପି. ସିଂ ।

ଉତ୍ତରଦାତାଙ୍କ ପକ୍ଷରୁ ମଲ୍ଲିକାର୍ଜୁନ ଏସ୍. ମାଇକାର ଏବଂ ଇ. ଆର୍. ସୁମତି ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଡକ୍ଟର. ଅରିଜିତ ପଶାୟତ** 1. ଶୁଣିଲେ ।

2. ଅନୁମତି ପ୍ରଦାନ କରାଗଲା ।

3. ଏହି ଆବେଦନରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରି କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଛି । ଉକ୍ତ ଆବେଦନରେ ଆପତ୍ତି କରିବା ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ ସଂଖ୍ୟା VII, ବିଜାପୁର (ସଂକ୍ଷେପରେ MACT) ଦ୍ୱାରା ଦିଆଯାଇଥିବା ଏକ ଅଧିନିର୍ଣ୍ଣୟ ପାଇଁ ଥିଲା । 2,59,400 ଟଙ୍କାର ଏକ ଅଧିନିର୍ଣ୍ଣୟ ପ୍ରଦାନ କରାଯାଇଥିଲା । MACT ତଥା ଉଚ୍ଚ ନ୍ୟାୟାଳୟ

ସମ୍ମୁଖରେ ଆବେଦନକାରୀଙ୍କ ମୁଖ୍ୟ ଯୁକ୍ତି ଥିଲା ଯେ ନିଗମର ବସ୍ ସହିତ ଜଡିତ କୌଣସି ଦୁର୍ଘଟଣାରେ ମୃତକଙ୍କ କୌଣସି ଆଘାତ ହୋଇନଥିଲା । ମୃତକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଡାକ୍ତରଙ୍କ ପ୍ରମାଣକୁ ଉଲ୍ଲେଖ କରାଯାଇଥିଲା ଯେ ମୃତକଙ୍କ ନିଜ ଘରର 8 ରୁ 10 ଫୁଟ ଉଚ୍ଚତାରୁ ପଡ଼ିଯିବା ଯୋଗୁଁ ମୁଣ୍ଡରେ ଆଘାତ ଲାଗିଥିଲା । ଯଦିଓ ଏହା ଲିଖିତ ବିବରଣୀରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା, MACT ଏବଂ ଉଚ୍ଚ ନ୍ୟାୟାଳୟ ତାହାକୁ ଖାରଜ କରି କହିଥିଲେ ଯେ ଯାନବାହନ ଦୁର୍ଘଟଣାରେ ମୃତକଙ୍କ ଆଘାତ ବିଷୟରେ ପରୋକ୍ଷରେ ସ୍ୱୀକାର କରାଯାଇଥିଲା । ଡାକ୍ତର ଏବଂ ପ୍ରଦର୍ଶ R-1 ର ପ୍ରମାଣର ପ୍ରଭାବ MACT ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଯାଞ୍ଚ କରାଯାଇଥିବା ପରି ମନେ ହେଉନାହିଁ । ଆହତଙ୍କ ଭାଇ କହିଥିଲେ ଯେ ସେ ଦସ୍ତାବିଜରେ କ'ଣ ଲେଖାଯାଇଛି ତାହା ଜାଣିନଥିଲେ ଏବଂ ତାଙ୍କର ଦସ୍ତଖତ ଗୋଟିଏ ପୃଷ୍ଠାରେ  ନିଆଯାଇଥିଲା, ଏହି ଆଧାରରେ MACT ଦସ୍ତାବିଜ R-1 ଉପରେ ନିର୍ଭର କରିନଥିଲା । ଏହି ଉପସଂହାର ଏହି ତଥ୍ୟକୁ ଅଣଦେଖା କରେ ଯେ ଜଣେ ଡାକ୍ତର ଏକ କାଗଜରେ ଭୁଲ କଥା ଉଲ୍ଲେଖ କରି ଦସ୍ତଖତ ନେବେ ନାହିଁ । ପ୍ରଦର୍ଶ R-1 ସନ୍ଦେହର ଛାୟା ବାହାରେ ପ୍ରତିପାଦିତ କରେ ଯେ ଆଘାତଗୁଡ଼ିକ କୌଣସି ଯାନବାହନ ଦୁର୍ଘଟଣା ଯୋଗୁଁ ହୋଇନଥିଲା । ତେଣୁ, MACT ଏବଂ ଉଚ୍ଚ ନ୍ୟାୟାଳୟ କୌଣସି ଅଧିନିର୍ଣ୍ଣୟ ଦେବାର ଯଥାର୍ଥ ନଥିଲେ । MACT ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଇଛି ।

4. ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି ।

ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।